ତା.୧୬.୦୧.୨୦୧୪

ଅରୁଣ ଜେଟଲୀ

ବିରୋଧୀ ଦଳର ନେତା, ରାଜ୍ୟସଭା

## ଆମ ଆଦମୀ ପାର୍ଟିର ବିକଳ୍ପ ରାଜନୀତି ଆଜି ଟଳମଳ ଅବସ୍ଥାରେ ।

ଆଜି ଭାରତର ରାଜନୀତିର ଇତିହାସରେ ଆମ ଆଦମୀ ପାର୍ଟି ଏକ ବିରାଟ ବିକଳ୍ପ ହୋଇ ଦଣ୍ଡାୟମାନ । ଆଶ ନିଜର ସ୍ୱଚ୍ଛତା, ବିଶ୍ୱସ୍ତତା ତଥା ନିପୁଣ ରାଜନୀତି ପାଇଁ ଇତିହାସରେ ଏକ ନୂତନ ଚିହ୍ନ ଛାଡ଼ିଦେଇଯିବ ।

ହେଲେ ରାଜନୈତିକ ଦଳ ଗଠନ ତଥା ତାହାର ଆଦର୍ଶ ସହ ଖାପ ଖୁଆଇବା ଭଳି ସଦସ୍ୟଙ୍କୁ ରଖିବା ସେତେ ସହଜ ବ୍ୟାପାର ନୁହେଁ । ସେଥିରେ ପୁଣି କିଛି ଲୋକ ନୂତନ ଆଦର୍ଶ ପଛରେ ଗୋଡ଼ାଇଥାଆନ୍ତି । ବର୍ତ୍ତମାନ ଆମ ଆଦମୀ ପାର୍ଟିରେ ବାଙ୍ଗଲୋରର ଜଣେ ପୂର୍ବତନ ଏୟାର ଲାଇନ ମାଲିକ ଓ ମୁମ୍ବାଇର ଜଣେ ବ୍ୟାଙ୍କର ମୁଖ୍ୟ ଉଦ୍ୟୋକ୍ତା ଅଟନ୍ତି । ଛତିଶଗଡ଼ର ଜଣେ ମୁଖ୍ୟ ମାଓବାଦୀ ସମର୍ଥକ ମଧ୍ୟ ଏହାର ଜଣେ ମୁଖ୍ୟ ସଦସ୍ୟ । ଜବାହରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟର ଜଣେ ପ୍ରଫେସର ଯେ କି କାଶ୍ମୀରରେ କିଛି ଗୋଷ୍ଠିଙ୍କୁ ଭାରତୀୟ ରାଜ୍ୟ ବିରୋଧରେ ଏକତ୍ରିତ କରିବା ହେତୁ ତାଙ୍କୁ ୟୁ.ଏସ.ସି.ଆଇ.ଆର.ଏଫ ରେ ଥିବା ପଦବୀକୁ ହରାଇବାକୁ ପଡ଼ିଥିଲା । ଏହାର ଅନ୍ୟ ଏକ ନେତା କାଶ୍ମୀର ଉପତ୍ୟକାରେ ସୈନ୍ୟ ମୁତୟନ ଭଳି ପ୍ରତିରକ୍ଷା ଘଟଣା ନେଇ ମଧ୍ୟ ସେଠକାର ଜନତାଙ୍କ ମତାମତ କଥା କହୁଛନ୍ତି । ଆଉ ଜଣେ ନେତା ଅହମ୍ମଦାବାଦରେ ମୋଦିଙ୍କ ବିରୋଧରେ କାର୍ଯ୍ୟ କରିବାକୁ ନିଜ ଜୀବିକା କରିଦେଇଛନ୍ତି କହିଲେ ଭୁଲ ହେବନାହିଁ ଏବଂ ଅନ୍ୟ ଜଣେ ନେତା ସମଲିଙ୍ଗୀ ଘଟଣା ନେଇ ନିଜ ପାର୍ଟି ଭିତରୁ ମତାମତ ଲୋଡ଼ୁଛନ୍ତି ।

ଏହି ନୂତନ ଦଳରେ ଏଠି ଜଜ ତାଙ୍କ ଏକ୍ଜିକ୍ୟୁଟିଭକୁ ରିପୋର୍ଟ ଦେବେ । ଜଣେ ଦୋଷୀ ମନ୍ତ୍ରୀ, ଜଜ ଠିକ ବା ଭୁଲ ତାହା କହିବାର କ୍ଷମତା ରହିବ ଏବଂ ତାଙ୍କ ବିରୋଧରେ ଥିବା ଅର୍ଡ଼ରକୁ ମଧ୍ୟ ବାତିଲ କରିପାରିବେ । ତେବେ ଦେଶର ନ୍ୟାୟିକ ବ୍ୟବସ୍ଥାର ସ୍ଥିତି କଅଣ ହେବ ? ସେମାନେ ପ୍ରଥମ ପର୍ଯ୍ୟାୟରେ ପ୍ରାକୃତିକ ସମ୍ପଦକୁ ତଥା ବିମାନ ବନ୍ଦରକୁ ଜାତୀୟକରଣ କରି, ତାହାପରେ ସବସିଡ଼ି ବୃଦ୍ଧି

କରିବା ସହ ପରୋକ୍ଷରେ କରଦାନକୁ ମଧ୍ୟ ବୃଦ୍ଧି କରାଇଛନ୍ତି । ତାହା ପରେ ଧୀରେ ଧୀରେ ପଦବୀ ପାଇବାର ଆଶା ତାଙ୍କର ଆଦର୍ଶକୁ ପଛରେ ପକାଇ ଦଳରେ ଛିଦ୍ରମାନ ସୃଷ୍ଟି କରିଚାଲିବ ।

ଗତ ତିନି ସପ୍ତାହ ମଧ୍ୟରେ ଏଗୁଡ଼ିକ ଆମ ଆଦମୀ ପାର୍ଟିର ବିଫଳତା । ତେବେ ମୋର ଆଶଙ୍କା କି ଏପରି ବିଫଳତା ଦେଖି ଜନତା ବାସ୍ତବରେ ସ୍ୱଚ୍ଛ, ଭ୍ରଷ୍ଟାଚାର ମୁକ୍ତ ତଥା ସୁଶାସନର ପ୍ରତିଶ୍ରୁତି ଦେଉଥିବା ଅନ୍ୟ ଦଳ ଉପରେ ମଧ୍ୟ ବିଶ୍ୱାସ ହରାଇ ବସିବେନି ତ ?